## ବୃଦ୍ଧଙ୍କୁ ଆକ୍ରମଣ, ଯୁବକ ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ବୁଢ଼ାବଣ ଗ୍ରାମର ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସାହାରପଡ଼ା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଗ୍ରାମର ଗଙ୍ଗାଧର ମହାନ୍ତ। ସୂଚନା ଅନୁଯାୟୀ, ବୁଢ଼ାବଣ ଗ୍ରାମର ଗଙ୍ଗାଧର ମହାନ୍ତ ଗତ ସୋମବାର ମଦ୍ୟପାନ କରି ପଡ଼ୋଶୀ ନବ ମହାନ୍ତଙ୍କୁ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ନବଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେବାପରେ ଫାଣ୍ଡିରେ ଅଭିଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ସମାରୋହ ଓ ଫକୀରମୋହନ ସାହିତ୍ୟ ପରିଷଦର ୭୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିକାନନ, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ସରକାରୀ ଆଇଟିଆଇ ପଡ଼ିଆ, ସମୟ: ଅପରାହ୍ଣ ୫ଟା ୩୦।

**ରୂପସା**

- ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବସ୍ତା ଧାନହଣ୍ଡା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ, ହଳଦୀପଦା, ସମୟ: ପୂର୍ବାହ୍ଣ ୧୦ଟା।

# ମକରରେ ଶିକାର ରୋକିବାକୁ ପାଟ୍ରୋଲିଂ

- ଶିମିଳିପାଳ ଅଭୟାରଣ୍ୟ
- ଶିକାରୀଙ୍କ ଉପରେ କଡ଼ା ନଜର

**ବାରିପଦା ଅଫିସ,୧୨।୧**

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଅବସରରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଶିକାର ରୋକିବାକୁ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଧିକାରୀ ଓ କର୍ମଚାରୀମାନେ ରାତ୍ରକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଶିକାର ହେଉଥିବା ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ତେବେ ଅଧିକାରୀ ଡାଳେଡାଳେ ଗଲେ ଶିକାରୀ ପତ୍ରେପତ୍ରେ ଯିବା ସଦୃଶ ଶିକାର କରିବାକୁ ପ୍ରୟାସ ଚଳାଉଥିବା ଜଣାପଡ଼ିଛି ।

ମକର ପର୍ବକୁ ଧୂମଧାମରେ ପାଳନ କରିବା ପାଇଁ ଶିକାରୀମାନେ ୨ଦିନ ପୂର୍ବରୁ ଓ ୨ଦିନ ପରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଶିମିଳିପାଳର ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ୩ବନଖଣ୍ଡରେ ଥିବା ମୋଟ ୩୨ଟି ରେଞ୍ଜର ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ଚଢ଼ାଉ ଅଭିଯାନ ଆରମ୍ଭ କରିଛନ୍ତି। ଶିକାରୀମାନେ ଅଭୟାରଣ୍ୟକୁ ପ୍ରବେଶ କରୁଥିବା ପଥଗୁଡ଼ିକ ଉପରେ ସତର୍କ ଦୃଷ୍ଟି ଦିଆଯାଉଥିବା ବେଳେ କ୍ୟାମେରା ମାଧ୍ୟମରେ ଶିକାରୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ସେହିପରି ଶିମିଳିପାଳ ପାଦଦେଶରେ ଥିବା ଗାଁ ଗୁଡ଼ିକରୁ ଶିକାରୀମାନଙ୍କ ଯୋଜନା ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ବିଭାଗୀୟ ଅଧିକାରୀମାନେ ଚେଷ୍ଟା ଜାରି ରଖିଛନ୍ତି। ତେବେ ଶିକାରୀଙ୍କୁ ଧରିବାରେ ବନବିଭାଗ ବିଫଳ ହେଉଥିବା ବେଳେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ସାଜିଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଜଙ୍ଗଲରୁ ବନ୍ଧୁକ, ଗୁଳି, ଫାଶ ଓ ଧନୁତୀର ଜବତ କରାଯାଉଥିବା ବେଳେ ଶିକାରୀମାନେ କିପରି ଖସି ଯାଉଛନ୍ତି ତାହାକୁ ନେଇ ସନ୍ଦେହ ଉପୁଜିଛି। ବନବିଭାଗର ଏପରି କାର୍ଯ୍ୟକଳାପକୁ ସାଧାରଣରେ ନାପସନ୍ଦ କରାଯାଉଥିବା ବେଳେ ଲୋକଦେଖାଣିଆ ପାଟ୍ରୋଲିଂ କରାଯାଉଛି ବୋଲି ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି।


ବନ କର୍ମଚାରୀମାନେ ରାତ୍ରକାଳୀନ ପାଟ୍ରୋଲିଂ କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଅର୍ଘ୍ୟରୂପା


@ଶେଖ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସ୍କୁଲ ଛାତରୁ ପଡ଼ି ଛାତ୍ରଙ୍କ ଗୋଡ଼ ଭାଙ୍ଗିଲା

ଉଦଳା,୧୨।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବୈରାଟପୁର ୟୁପି ସ୍କୁଲ ଛାତରୁ ପଡ଼ି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ଗୋଡ଼ ଭାଙ୍ଗିଯାଇଛି। ଆହତ ଛାତ୍ର ଜଣକ ହେଲେ ଉଦିତ କୁମାର ବିନ୍ଧାଣୀ। ଗୁରୁବାର ସେ ସ୍କୁଲକୁ ଯାଇଥିଲେ। ତେବେ ସେ ଛାତ ଉପରକୁ ଯାଇଥିବା ବେଳେ ତଳକୁ ଖସି ପଡ଼ିବାରୁ ଗୁରୁତର ହୋଇ ପଡିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ତାଙ୍କର ବାମ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏହା ସହିତ ଅଣ୍ଟା ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖିବାକୁ ମିଳିଛି। ତେବେ ଛାତ୍ର ଜଣକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଦେଖା ମିଳି ନ ଥିବା ଛାତ୍ରଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗଳା ନାୟକଙ୍କୁ ପଚାରିବାରୁ ମୁଁ ସ୍କୁଲ କାର୍ଯ୍ୟ ନେଇ ବ୍ୟାଙ୍କକୁ ଆସିଥିଲି। ଏହି ସମୟ ମଧ୍ୟରେ ଅସାବଧାନତା ଯୋଗୁ ଛାତ୍ର ଜଣକ ଛାତରୁ ପଡ଼ି ଯାଇଛନ୍ତି ବୋଲି କହିଛନ୍ତି। ତେବେ ଛାତ୍ର ଜଣକ ଛାତ ଉପରକୁ କାହିଁକି ଯାଇଥିଲେ ଓ କେଉଁ ପରିସ୍ଥିତିରେ ତଳକୁ ଖସି ପଡ଼ିଲେ ତାହାର ତଦନ୍ତ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି।

# ବିବେକାନନ୍ଦଙ୍କ ବାର୍ତ୍ତା ପ୍ରଚାର କଲେ ଛାତ୍ରୀଛାତ୍ର


ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

**ବସ୍ତା, ୧୨।୧(ଡି.ଏନ.ଏ.)**

ଜାତୀୟ ଯୁବଦିବସ ଅବସରରେ ବାଲେଶ୍ୱର ଜିଲା ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଏକ ଭବ୍ୟ ଶୋଭାଯାତ୍ରାରେ ପ୍ରଭାତ ଫେରିରେ ନଗର ପରିକ୍ରମା କରିଥିଲେ। ଏକ ସୁସଜ୍ଜିତ ରଥରେ ରାମକୃଷ୍ଣ ପରମହଂସ, ମା' ଶାରଦା ଦେବୀ, ଭାରତମାତା ଓ ବିବେକାନନ୍ଦ ବେଶରେ ଛାତ୍ରୀଛାତ୍ର ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତା ପ୍ରଚାର କରିଥିଲେ।

ଶିକ୍ଷାକେନ୍ଦ୍ର ପରିସରରେ ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ସଂଘ ବିଚାରକ ଡ. ଅଶ୍ୱିନୀ ଶତପଥି ସ୍ୱାମିଜୀଙ୍କ ବିଶ୍ୱ ଭ୍ରାତୃତ୍ୱ ଓ ମାନବବାଦର ବାର୍ତ୍ତା ଆଜିର ଯୁବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ଉଦ୍‌ବୋଧନରେ କହିଥିଲେ। ମୁଖ୍ୟବକ୍ତା ଭାବେ ଉପଦେଷ୍ଟା ଶ୍ୟାମପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ସମ୍ପାଦକ ରାମଚନ୍ଦ୍ର ଦେବ ଓ କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଓ ପୋଷାକରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ନମିତା ଦାସ ଅତିଥି ପରିଚୟ ଓ ରଞ୍ଜିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ପ୍ରଶାନ୍ତ ଗିରି, ସରୋଜ ପାତ୍ର, ଗୁରୁମା ପୁଷ୍ପଲତା ପଟ୍ଟନାୟକ, ସୁଶାନ୍ତି ବେହେରା, ସୁଚିସ୍ମିତା ସାହୁ ଓ ପ୍ରଜ୍ଞା ପାରମିତା ପ୍ରମୁଖ ପରିଚାଳନା କରିଥିଲେ।

## ଶହୀଦ ପୂର୍ଣ୍ଣଚନ୍ଦ୍ର ସ୍ମୃତି ସମାରୋହ

**ପଦ୍ମପୁର, ୧୨।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀଠାରେ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ତ୍ୟାଗଭୂମି ମହୋତ୍ସବ କମିଟି ସଭାପତି ଅଜୟ ନାୟକ, ସରପଞ୍ଚ ଅରୁଣ କୁମାର ମହାନ୍ତି, ସାମାଜିକ କର୍ମୀ ବନଲତା ଜେନା, ସାହିତ୍ୟିକ ଶ୍ରୀ ଗୋବିନ୍ଦ, କବି ବିକାଶ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ସାମରିକ କର୍ମଚାରୀ କୈଳାସ ନାଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ଭୋଳାନାଥ ନାୟକ। ବାସୁଦେବପୁର ଏନ୍‌ସିସି କ୍ୟାଡେଟ ଓ ସ୍ଥାନୀୟ ଛାତ୍ରୀଛାତ୍ର ସଭାରେ ଯୋଗଦେଇ ଶହୀଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ବୈଲୋଚନ ଜେନାଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କିଣା ଯାଇପାରୁନି ଧାନ, ଚିନ୍ତାରେ ଚାଷୀ

**ଧାନ କ୍ରୟ ଅଧିକାରୀ ସମିତିକୁ ଆସୁ ନ ଥିବା ଅଭିଯୋଗ**

ବନ୍ତ,୧୨।୧(ଡି.ଏନ୍.ଏ)-ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତି ମଣ୍ଡିକୁ ଧାନ କ୍ରୟ ଅଧିକାରୀ ଆସୁ ନ ଥିବାରୁ ଧାନ କିଣା ଯାଇପାରୁ ନାହିଁ। ଏନେଇ ସମିତି ସଭାପତି ଅଜୟ ନାୟକ ଏଆର୍‌ସିଏସ୍, ଜିଲା ଯୋଗାଣ ଅଧିକାରୀ ଓ ବନ୍ତ ଥାନାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଡିସେମ୍ବର ୨୮ଠାରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସରକାରୀ ନିର୍ଦ୍ଦେଶ ହୋଇଥିଲା। ଗତ ୬ ତାରିଖରେ ଧାନକ୍ରୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମିଲରଙ୍କ ଗାଡ଼ିରେ ଧାନ ଲୋଡ୍ ହୋଇଥିଲା। ୧ ଘଣ୍ଟା ଧରି ମିଲର ଗାଡ଼ି ଟ୍ରାଞ୍ଜିଟ୍ ପାସ୍ ନେବା ପାଇଁ ଅପେକ୍ଷା କରିଥିଲେ। ମାତ୍ର ଧାନ କ୍ରୟ ଅଧିକାରୀ ଉପସ୍ଥିତ ନ ଥିବାରୁ ସମସ୍ୟା ଦେଖାଯାଇଥିଲା। ସେହିଦିନଠାରୁ ସମ୍ପୃକ୍ତ ଅଧିକାରୀ ସମିତିକୁ ଆସୁ ନ ଥିବାରୁ ଧାନ କ୍ରୟ ହୋଇପାରୁ ନାହିଁ। ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ତଦନ୍ତ କରି ପଦକ୍ଷେପ ନେବାକୁ ଏଆର୍‌ସିଏସ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ଖଇରା, ୧୨।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀର ଡ. ହରେକୃଷ୍ଣ ମହତାବ ଉଚ୍ଚ ମାଧମିକ ବିଦ୍ୟାଳୟରେ ସୋମବାରଠାରୁ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଅଧକ୍ଷ ରାମକୃଷ୍ଣ ନାୟକ ଏହାକୁ ଉଦ୍‌ଘାଟନ କରିବା ସହ ତାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ଭାବେ ଅଧାପିକା ମାଳତୀଲତା ହାତୀ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧାପିକା ଫୁଲମଣି ଦେଇ, ଗୀତାଞ୍ଜଳି ଦେଉରୀ ଓ ଶୈଳବାଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ଜୟଶ୍ରୀ ସାମଲ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ୮ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି।

# ଗଡ଼ିଲା ବାଲ୍ୟବିବାହ ନିରାକରଣ ସଚେତନତା ରଥ

**କେନ୍ଦୁଝର,୧୨।୧(ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏନେଇ ଗୁରୁବାର ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରମଣୀ ହାଁସଦା, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଝିଅକୁ ୧୮ ଓ ପୁଅକୁ ୨୧ ବର୍ଷ ପୂର୍ବରୁ ବିବାହ ଦଣ୍ଡନୀୟ ଅପରାଧ, ଏଣୁ ବାଲ୍ୟବିବାହକୁ ନା ବିଦ୍ୟାଳୟକୁ ହଁ ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ (ଆଇସିଡିଏସ)ର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ପଦାଧିକାରୀମାନେ ରଥକୁ ପତାକା ଦେଖାଉଛନ୍ତି।

# 'ଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଉଦ୍ରେକ ହେଉ'


ଅତିଥିଙ୍କ ଗହଣରେ ମା'ମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

**ରୂପସା, ୧୨।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୫ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କୁନି ପିଲାଙ୍କ ମଧ୍ୟରେ ଦେଶପ୍ରେମ, ଜାତିପ୍ରେମ ଉଦ୍ରେକ ହେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ସମିତି ବିଭାଗ ପ୍ରମୁଖ କିରଣ କୁମାର ମହାରଣା, ସମ୍ମାନିତ ଅତିଥି ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ଶିକ୍ଷାନୁଷ୍ଠାନ ମୁଖ୍ୟ ତପନ କୁମାର ଗିରି ପ୍ରମୁଖ ଶିଶୁମାନଙ୍କ ଭବିଷ୍ୟତ ନିର୍ମାଣ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି କହିଥିଲେ।

ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପ୍ରନିମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଗୌରୀଶଙ୍କର ମହାନ୍ତି ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ବିଦ୍ୟାମନ୍ଦିର ସଭାପତି ଚତୁର୍ଭୁଜ ବେହେରା ଉତ୍ସବରେ ଅଧକ୍ଷତା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଉପସଭାପତି ମାୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭେଚ୍ଛୁ ସ୍ୱସ୍ତିବିତ ଗିରିଙ୍କ ତତ୍ତ୍ୱାବଧାନରେ କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଗୀତ ସାଙ୍ଗକୁ ଡାକମୁନସୀ ନାଟକ ପରିବେଷଣ ହୋଇଥିଲା। ଗୁରୁଜୀ ଗଦାଧର ପଣ୍ଡିତ, ତନ୍ମୟ ପଣ୍ଡା, ଗୁରୁମା ବାସନ୍ତୀ ବେହେରା, ପାର୍ବତୀ ବେହେରା, ମାନସୀ ସାହୁ, ସୁମିତ୍ରା ବେହେରା, ଜୟନ୍ତୀ ମାହାନ୍ତକ୍ଷ, ମଧୁମିତା ମହଲ, ଛବିରାଣୀ ମହାନ୍ତି ଓ ଗୁରୁବାରୀ ମାଝି ପ୍ରମୁଖ ପରିଚାଳନା କରିଥିଲେ।

## ୧୧୩୨ ଗୋଷ୍ଠୀକୁ ୪୧.୯୭ କୋଟି ଋଣ

ଚାନ୍ଦବାଲି,୧୨।୧(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲିରେ ବ୍ଲକସ୍ତରୀୟ ମେଗା ଋଣ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଡ. ବ୍ୟୋମକେଶ ରାୟ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଡିଓ ଜ୍ୟୋତିବିକାଶ ଦାସ, ବ୍ଲକ ଅଧକ୍ଷା ମିନତି ସୂତାର ଓ ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀଙ୍କ ସହ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଏହି ମେଳାରେ ୧୧୩୨ ଗୋଷ୍ଠୀକୁ ୪୧ କୋଟି ୯୭ଲକ୍ଷ ୬୩ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ମହିଳାମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଇ ଦେଉଛନ୍ତି। ଏହାର ସୁବିନିଯୋଗ କରିପାରିଲେ ଯୋଜନାର ସୁଫଳ ମିଳିପାରିବ ବୋଲି ଅତିଥିମାନେ କହିଥିଲେ। ଓଡ଼ିଶା ଜୀବିକା ମିଶନର ବିପିଏମ୍, ବିଏଲ୍‌ସି, ମହାସଂଘର ଏମ୍‌ବିକେ ଓ ସିଆର୍‌ପିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ଲକର ମହିଳା ମହାସଂଘ ଓ ସ୍ୱୟଂସହାୟିକା ଗୋଷ୍ଠୀ ଏଥିରେ ଯୋଗ ଦେଇଥିଲେ।

# ଭାଜପା ରାଜ୍ୟ ସଭାପତିଙ୍କ ଧାମନଗର ଗସ୍ତ

**ଧାମନଗର,୧୨।୧(ଡି.ଏନ.ଏ.)**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଗୁରୁବାର ଧାମନଗର ବ୍ଲକ ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅସୁରାଳିଠାରେ ଭାଜପା ଶହୀଦ ମଣ୍ଡଳ ପକ୍ଷରୁ ଆୟୋଜିତ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ସେ ଯୋଗଦେଇ ଏବେର ଯୁବପିଢ଼ି ରାଷ୍ଟ୍ରୀୟ ଭାବନା ଓ ସନାତନ ଧର୍ମ ସଂସ୍କୃତି, ପରମ୍ପରା ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରେ କୋଠାର ଏବଂ ଧୂଷୁରୀଠାରେ ଶତାଧିକ କର୍ମକର୍ତ୍ତାଙ୍କ ସହ ପଦଯାତ୍ରାରେ ସେ ସାମିଲ ହୋଇ ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଜିଲା ସଭାପତି ହେମନ୍ତ ପାଢ଼ୀ, ଉପସଭାପତି ଚତୁର୍ଭୁଜ ନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ମିଡିଆ ସେଲ୍ ଅଧକ୍ଷ ବୈକୁଣ୍ଠ ନାଥ ସାହୁ, ମଣ୍ଡଳ ସଭାପତି ଅଜୟ ବଳ, ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର, ଜିଲା ସମ୍ପାଦକ ସଦାଶିବ ପୋଥାଳ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଉମାମଣି ସାହୁ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମିନତି ସାହୁ, ମହେଶ୍ୱତା ମହାଳିକ, ରଞ୍ଜନ ପଣ୍ଡା, ସରୋଜ ସ୍ୱାଇଁ, ଯୁବନେତା ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।


କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ୧୮୬ ଛାତ୍ରୀ

**ଚମ୍ପୁଆ,୧୨।୧(ଡି.ଏନ୍.ଏ):**

ସାମ୍ପ୍ରତିକ ପରିସ୍ଥିତିରେ ବଢ଼ୁଥିବା ନାରୀନିର୍ଯାତନାକୁ ପ୍ରଶମିତ କରିବା ଲକ୍ଷ୍ୟନେଇ ସ୍କୁଲ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଚାଲିଥିବା +୨ର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୮ ଦିନ ଧରୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୮୬ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ବିପିନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଦିବସରେ ପ୍ରଧାପକ ରାଜେନ୍ଦ୍ର କର, ସ୍ୱାଧୀନ ସିଂ, ଦୁଃଖବନ୍ଧୁ ମହାନ୍ତ, ପ୍ରଶାନ୍ତ ନନ୍ଦ, ରଶ୍ମୀରେଖା ବେହେରା, ଲିପିକା ପ୍ରଧାନ, ଚମ୍ପକେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ରଶ୍ମୀ ଗାଗରାଇ, ସାଗରିକା ସାହୁ ଓ ତୁଳସୀ ମୁଣ୍ଡା ପ୍ରମୁଖ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଗଙ୍ଗାସାଗରରେ ଲକ୍ଷାଧିକ ପୁଣ୍ୟାର୍ଥୀ



ପୂଜାର୍ଚ୍ଚନା ଲାଗି କପିଳମୁନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଭୋଗରାଇ, ୧୨।୧(ଡ଼ି.ଏନ.ଏ.)**

ପଶ୍ଚିମବଙ୍ଗ ସାଗରଦ୍ୱୀପ ଗଙ୍ଗାସାଗର ମେଳାରେ ଗୁରୁବାର ଲକ୍ଷାଧିକ ପୁଣ୍ୟାର୍ଥୀ ସମବେତ ହୋଇଛନ୍ତି। କଡ଼ା ନିରାପତ୍ତା ମଧ୍ୟରେ ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ମକରବୁଡ଼ ଦେବାରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇଛି। ଗଙ୍ଗାସାଗରକୁ ଆଗତ ଅସଂଖ୍ୟ ତୀର୍ଥଯାତ୍ରୀ ଲଟ୍ ନମ୍ବର ୮, କାକଦ୍ୱୀପ ଓ ନାମଖାନାରେ ଲମ୍ବା ଲାଇନ ଲଗାଇଛନ୍ତି। ଲଟ୍ ନମ୍ବର ୮ ଓ କଚୁବେଡିଆ, ନାମଖାନା, କାକଦ୍ୱୀପ ଓ ଚେମାଗଡି ମଧ୍ୟରେ ୨୪ଘଣ୍ଟିଆ ଭେସେଲ ଭୂତଳ ପରିବହନ ସେବା ଚାଲୁ ରହିଛି। ଜଳ, ସ୍ଥଳ ଓ ଆକାଶବାହିନୀକୁ ସଜାଗ ରଖାଯାଇଥିବା ବେଳେ ପ୍ରସିଦ୍ଧ କପିଳମୁନି ମନ୍ଦିର, ଶଙ୍କରାଚାର୍ଯ୍ୟ ଆଶ୍ରମ, ଭାରତ ସେବାଶ୍ରମ ସଂଘ ଓ ବିଭିନ୍ନ ମନ୍ଦିରରେ ନିରାପତ୍ତା ବଢ଼ାଇ ଦିଆଯାଇଛି। ଆସନ୍ତା ଶନିବାର ଓ ରବିବାର ମକରସଂକ୍ରାନ୍ତି ବୁଡ଼ ଓ ଶ୍ରାଧାଦି ଅବସରରେ ଭାରତର ବିଭିନ୍ନ ରାଜ୍ୟରୁ ତୀର୍ଥଯାତ୍ରୀମାନେ ଆସିଛନ୍ତି। ଓଡିଶାରୁ ଏପର୍ଯ୍ୟନ୍ତ ୧୫ ହଜାରରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀ ଆସିଥିବା କୁହାଯାଇଛି। ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ବେଳେ ମାସ୍କ ପରିଧାନ କଡାକଡି କରାଯାଇନାହିଁ। ସନ୍ଧ୍ୟାରେ ସାଗର ଓ ନଦୀକୁ ପ୍ରଦୂଷଣମୁକ୍ତ ନିମନ୍ତେ ପ୍ରଶାସନ ଓ ଧାର୍ମିକ ଅନୁଷ୍ଠାନ ପକ୍ଷରୁ କପିଳ ମୁନି ମନ୍ଦିରରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରାଯାଇ ସାଗରରେ ଆଳତୀ କରାଯାଇଛି। ପ୍ରସିଦ୍ଧ ମେଳାରେ ବହୁ ଧର୍ମଗୁରୁ, ସାଧୁସନ୍ଥ ଆସି ପହଞ୍ଚିଥିବାବେଳେ ପୁରୀ ଗୋବର୍ଦ୍ଧନ ପୀଠରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମକରବୁଡ଼ ଓ ସମୁଦ୍ର ଆଳତୀ ନିମନ୍ତେ ଏଠାକୁ ଆସୁଥିବାରୁ ଆଦିତ୍ୟବାହିନୀ ପକ୍ଷରୁ ସୂଚନା ମିଳିଛି।

